# ବ୍ୟାଙ୍କ ସମୁହ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟୀର ସ୍ୱତନ୍ତ୍ର ବୈଠକ-

## ଉନ୍ମୋଚନ ହେଲା ୨୩୨୬.୫୦ କୋଟି ଟଂକାର ବାର୍ଷିକ ଋଣ ଯୋଜନାର ପରିପତ୍ର ।

## Special meeting on DCC of Banks.

ଅନୁଗୋଳ,ତା.୨୮.୩:- ବ୍ୟାଙ୍କ ସମୁହ ଜିଲ୍ଲା ସ୍ତରୀୟ ସମନ୍ୱୟ କମିଟୀର ଏକ ସ୍ୱତନ୍ତ୍ର ବୈଠକ ଗତକାଲି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ତାଂକ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ଆର୍ଥିକ ଓ ସାମାଜିକ ବିକାଶ ନିମନ୍ତେ ବ୍ୟାଂକ କର୍ତ୍ତୃପକ୍ଷମାନେ ଉତ୍ତମ ସମନ୍ୱୟ ରକ୍ଷି କାର୍ଯ୍ୟ କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ । ବ୍ୟାଂକମାନଂକ ଦ୍ୱାରା ଜିଲ୍ଲାର କୃଷି,ଅଣକୃଷି,କ୍ଷୁଦ୍ର ଶିଳ୍ପ,ଶିକ୍ଷା,ଗୃହ ଓ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ବିକାଶ ନିମନ୍ତେ ୨୦୧୮-୧୯ ଆର୍ଥୀକ ବର୍ଷ ପାଇଁ ୨୩୨୬.୫୦ କୋଟି ଟଂକାର ବାର୍ଷିକ ଋଣ ଯୋଜନାର ପରିପତ୍ରକୁ ଜିଲ୍ଲାପାଳ ଅନୁମୋଦନ କରିଛନ୍ତି । ପ୍ରାରମ୍ଭରେ ଜିଲ୍ଲା ଅଗ୍ରୀମ ବ୍ୟାଂକ ପରିଚାଳକ (LDM) ଶ୍ରୀ ମହେଶ୍ୱର ଗୌଡ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ବୈଠକରେ ଅନ୍ୟମାନଂକ ମଧ୍ୟରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ନାବାର୍ଡର ଜିଲ୍ଲା ଉନ୍ନୟନ ପରିଚାଳକ ଶ୍ରୀ ଶରତ କୁମାର ବେହେରା, ଭାରତୀୟ ଷ୍ଟେଟ ବ୍ୟାଂକର ଆଂଚଳିକ ଅଧିକାରୀ ଶ୍ରୀ କ୍ଷିତିଶ ଚନ୍ଦ୍ର ପ୍ରଧାନ ଓ ମୁଖ୍ୟ ପରିଚାଳକ ଶ୍ରୀ ସୁବାଷ ଚନ୍ଦ୍ର ବେହେରା, ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଂକର ସମ୍ପାଦକ ଶ୍ରୀ ଭୋଳେଶ୍ୱର ମଲ୍ଲିକଂକ ସମେତ ବିଭିନ୍ନ ବ୍ୟାଂକର ଶାଖା ପରିଚାଳକ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ ।


ADMINISTRATIVE MAP OF ANGUL


FEDERAL

